# ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମିଶ୍ର

ଜଣେ ଉତ୍ତମ ଶିକ୍ଷକ, ଲେଖକ, ପରିବେଶପ୍ରେମୀ ଓ ସଙ୍ଗଠକ ଭାବେ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମିଶ୍ର ଉଚ୍ଚ ପ୍ରଶଂସାର ପାତ୍ର। ୧୯୫୫ ମସିହା ଫେବୃୟାରୀ ୭ ତାରିଖରେ ତାଙ୍କର ଜନ୍ମ। ବି.ଏସ୍‌ସି., ଏମ୍.ଏ.,



ଏମ୍.ଇଡି. ଓ ବଙ୍ଗଳାରେ ଡିପ୍ଲୋମା ହାସଲ କରିଛନ୍ତି ଏବଂ ୧୯୭୬ ରୁ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଆସୁଛନ୍ତି। ସଂପ୍ରତି ସେ ବାଲେଶ୍ୱର ଜିଲ୍ଲାର ହଳଦୀପଦାସ୍ଥିତ ଅଗରଓ୍ୱାଲା ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ରୂପେ କର୍ମରତ। ୧୯୯୫ ରୁ ଓଡ଼ିଶା ଏସ୍.ସି.ଇ. ଆର୍.ଟି. ଦ୍ୱାରା ଗଣିତ ଓ ବିଜ୍ଞାନରେ ବିଶେଷଜ୍ଞ ତାଲିମଦାତା ଭାବେ ସେ ସ୍ୱୀକୃତି ଲାଭ କରିଛନ୍ତି।

ଜଣେ ସୁସଙ୍ଗଠକ ଭାବେ ଶ୍ରୀଯୁକ୍ତ ମିଶ୍ର ବାଲେଶ୍ୱର ଜିଲ୍ଲାର ଆର୍ମଳା ଠାରେ ୧୯୭୫ରେ 'ସାଧନା ପାଠାଗାର' ନାମକ ଗୋଟିଏ ଲାଇବ୍ରେରୀ ସ୍ଥାପନା କରିଥିଲେ ଏବଂ ୧୯୭୬ରେ ଆର୍ମଳା ହାଇସ୍କୁଲ ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବିଜ୍ଞାନ ପ୍ରଚାର ସମିତି ଏବଂ ଅନ୍ୟ କେତେକ ବିଜ୍ଞାନ ଓ ସାହିତ୍ୟ ସଂସ୍କୃତି ଆଧାରୀ ଅନୁଷ୍ଠାନର ଆଜୀବନ ସଦସ୍ୟ ରହିଆସିଛନ୍ତି। ସେ ନିଜର ଚକ୍ଷୁଦାନ କରିବାକୁ ଅଙ୍ଗୀକାରବଦ୍ଧ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ଚକ୍ଷୁ ଚିକିତ୍ସା ଶିବିର, ରକ୍ତଦାନ ଶିବିର ଆଦି ଅନେକ ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମ କରାଇଛନ୍ତି। ୧୯୯୦ ରୁ ନୂଆଦିଲ୍ଲୀସ୍ଥିତ 'ଟାଇମ୍‌ସ ଆଇ ରିସର୍ଚ୍ଚ ଫାଉଣ୍ଡେସନ୍'ର ସ୍ୱେଚ୍ଛାସେବୀ ଭାବେ ସ୍ୱୀକୃତି ଲାଭ କରିଛନ୍ତି। ବିଦ୍ୟାଳୟ ଓ ଅନ୍ୟାନ୍ୟ ସ୍ଥାନରେ ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣଠୁ ଆରମ୍ଭ କରି ବହୁ କାର୍ଯ୍ୟକ୍ରମରେ ସେ ସଂଶ୍ଳିଷ୍ଟ ଅଛନ୍ତି।

ଲେଖକଭାବେ ବିଜ୍ଞାନ, କଳା, ସଂସ୍କୃତି, ପୌରାଣିକ ଉପାଖ୍ୟାନ ଆଦି ଭିନ୍ନଭିନ୍ନ କ୍ଷେତ୍ରରେ ଶ୍ରୀଯୁକ୍ତ ମିଶ୍ର ପାରଦର୍ଶିତା ଦେଖାଇଛନ୍ତି।